ସାଧାରଣ ପରିଚାଳକ (ବିପଣନ) ହିନ୍ଦୁସ୍ତାନ
କୃଷିସାର ନିଗମ ଲିମିଟେଡ୍ ଏବଂ ଅନ୍ୟମାନେ
ବନାମ
ସୁବୋଧ ଚନ୍ଦ୍ର ଦାସ ଏବଂ ଅନ୍ୟମାନେ

ଜାନୁଆରୀ 29, 1988

[ଇ. ଏସ. ଭେଙ୍କଟରାମିୟା ଏବଂ କେ.ଏନ. ସିଂ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ସମ୍ବିଧାନ, 1950: ଅନୁଚ୍ଛେଦ 226- ଉଚ୍ଚ ନ୍ୟାୟାଳୟର କ୍ଷମତା- ପରିସର- ଜନ୍ମ ତାରିଖ ପରିବର୍ତ୍ତନ ପାଇଁ କର୍ମଚାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ ଆବେଦନର- ଉଚ୍ଚ ନ୍ୟାୟାଳୟ ରାୟ ଦେଲେ ଯେ ସେବା ବିବରଣ ଖାତାରେ ଲିଖନ ହୋଇଥିବା ଜନ୍ମ ତାରିଖରେ ହସ୍ତକ୍ଷେପ କରାଯିବ ନାହିଁ, କିନ୍ତୁ ଅବସର ନେବା ପରେ 3 ବର୍ଷ ପାଇଁ ଏକ ସ୍ୱତନ୍ତ୍ର ମାମଲା ଭାବରେ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଲେ- ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏପରି ଆଦେଶ ପାରିତ କରିବା ନ୍ୟାୟସଙ୍ଗତ କି ।*

ପ୍ରଥମ ପ୍ରତିବାଦୀ, ଆବେଦନକାରୀ-ନିଗମର ଜଣେ କର୍ମଚାରୀଙ୍କୁ, ଯିଏ ନିଯୁକ୍ତିଦାତାଙ୍କ ଦ୍ୱାରା ପରିଚାଳିତ ବିବରଣ ଖାତାରେ ଲିପିବଦ୍ଧ ହୋଇଥିବା ଜନ୍ମ ତାରିଖ ଅନୁଯାୟୀ 58 ବର୍ଷ ବୟସ ପୂରଣ କରିବା ପରେ 1.6.89 ରେ ତାଙ୍କ ସେବାରୁ ଅବସର ନେବାକୁ ଥିଲା, ଆବେଦନକାରୀ-ନିଗମ, ଉଚ୍ଚ ନ୍ୟାୟାଳୟରେ ଏକ ରିଟ ଆବେଦନ ଦାଖଲ କରି ଦାବି କରିଥିଲେ ଯେ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରମାଣପତ୍ର ଉପରେ ନିର୍ଭର କରି ତାଙ୍କ ଜନ୍ମ ତାରିଖକୁ 20 ଅକ୍ଟୋବର, 1938 କୁ ପରିବର୍ତ୍ତନ କରାଯିବା ଉଚିତ । ଆବେଦନକାରୀ-ନିଗମଙ୍କ ଦ୍ୱାରା ଏହି ଆବେଦନକୁ ବିରୋଧ କରାଯାଇଥିଲା ।

ଉଚ୍ଚ ନ୍ୟାୟାଳୟର ଜନୈକ ଏକକ ବିଚାରପତି କହିଲେ ଯେ ପ୍ରଥମ ପ୍ରତିବାଦୀ  ମାମଲା ଗ୍ରହଣ କରିବା ସମ୍ଭବ ନୁହେଁ ଯେ ସେ 1938 ରେ ଜନ୍ମ ହୋଇଥିଲେ ଏବଂ ଆବେଦନକାରୀ-ନିଗମର ବିବରଣ ଖାତାରେ ଲିପିବଦ୍ଧ ହୋଇଥିବା ଜନ୍ମ ତାରିଖରେ ହସ୍ତକ୍ଷେପ କରାଯିବା ଉଚିତ ନୁହେଁ । ତେବେ ସେ ଯାହା ହେଉ, ପ୍ରତିବାଦୀଙ୍କ ସମସ୍ୟାକୁ ବିଚାରକୁ ନେଇ, ପାରିବାରିକ କିମ୍ବା ଅନ୍ୟଥା ସେ ଏକ ଆଦେଶ ଦେଇଥିଲେ ଯେ ଏକ ସ୍ୱତନ୍ତ୍ର ମାମଲା ଭାବରେ ପ୍ରଥମ ପ୍ରତିବାଦୀଙ୍କୁ ତାଙ୍କ ଅବସର ଗ୍ରହଣ ତାରିଖ ପରେ ତାଙ୍କୁ ଆହୁରି ତିନି ବର୍ଷର ସେବା, ସେହି ଅବଧି ପାଇଁ ପୁନଃ ନିଯୁକ୍ତି ଦେଇ, ଦିଆଯାଇପାରେ ।

ଆବେଦନକୁ ମଞ୍ଜୁରୀ ଦେଇ,

କୁହାଗଲା: ଉଚ୍ଚ ନ୍ୟାୟାଳୟର ଏକକ ବିଚାରପତି ଆବେଦନକାରୀ-ନିଗମର ବିବରଣ ଖାତାରେ ଲିପିବଦ୍ଧ ହୋଇଥିବା ପ୍ରଥମ ପ୍ରତିବାଦୀଙ୍କ ଜନ୍ମ ତାରିଖରେ ହସ୍ତକ୍ଷେପ କରାଯିବା ଉଚିତ ନୁହେଁ ବୋଲି ଜାଣିବା ପରେ, ଆବେଦନକାରୀ-ନିଗମକୁ ନିର୍ଦ୍ଦେଶ ଦେବାପୂର୍ବକ, ଏକ ସ୍ୱତନ୍ତ୍ର ମାମଲା ଭାବରେ ପ୍ରଥମ ପ୍ରତିବାଦୀଙ୍କୁ ତାଙ୍କ ଅବସର ନେବାର ଧାର୍ଯ୍ୟ ତାରିଖ ପରେ ଆହୁରି ତିନି ବର୍ଷ ପାଇଁ ପୁନଃ ନିଯୁକ୍ତି ନିମନ୍ତେ ଆଦେଶ ଦେଇ ଏକ ଗୁରୁତର ତ୍ରୁଟି କରିଥିଲେ, 1.6.89

**ରେ, ଏହି ଆଧାରରେ କି ତାଙ୍କର ପାରିବାରିକ ଅଥବା ଅନ୍ୟ କୌଣସି ସମସ୍ୟା ଥିଲା । ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଏପରି ଆଦେଶ ପାରିତ କରିବାର କୌଣସି ଯଥାର୍ଥତା ନଥିଲା ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 1068/1987 ।

ଦେୱାନୀ ରିଟ୍ ଅଧିକାରିତା ମାମଲା ସଂଖ୍ୟା 2523/1981 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ ତା 16.5.86 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ଏ. କେ. ସିଲ୍ ଏବଂ ଏସ. କେ. ସିହ୍ନା ।

ପ୍ରତିବାଦୀମାନଙ୍କ ପକ୍ଷରୁ ଡି. ଏନ୍. ଗୋବର୍ଦ୍ଧନ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଆଦେଶ

ପ୍ରଥମ ପ୍ରତିବାଦୀ-ସୁବୋଧ ଚନ୍ଦ୍ର ସିନ୍ଧ୍ରିରେ ହିନ୍ଦୁସ୍ତାନ କୃଷିସାର ନିଗମ ଲିମିଟେଡ୍ ଅଧୀନରେ ଅପରେଟର ଗ୍ରେଡ୍-3 ଭାବରେ କାର୍ଯ୍ୟ କରୁଛନ୍ତି । ହିନ୍ଦୁସ୍ତାନ କୃଷିସାର ନିଗମ ଲିମିଟେଡ୍ ଦ୍ୱାରା ପରିଚାଳିତ ବିବରଣ ଖାତାରେ ଲିପିବଦ୍ଧ ହୋଇଥିବା ଜନ୍ମ ତାରିଖ 1.6.1931 ଥିଲା ଏବଂ ସାଧାରଣ ପାଠ୍ୟକ୍ରମରେ ତାଙ୍କୁ 58 ବର୍ଷ ବୟସ ପୂରଣ କରିବା ପରେ 1.6.1989 ରେ ଚାକିରୀରୁ ଅବସର ନେବାକୁ ପଡିବ। ତେବେ ସେ ପାଟନା ଉଚ୍ଚ ନ୍ୟାୟାଳୟରେ ଏକ ରିଟ ଆବେଦନ ଦାଖଲ କରି ଦାବି କରିଥିଲେ ଯେ ତାଙ୍କ ଜନ୍ମ ତାରିଖ 20 ଅକ୍ଟୋବର, 1938 କୁ ପରିବର୍ତ୍ତନ କରାଯିବା ଉଚିତ । ତାଙ୍କ ମାମଲାର ସମର୍ଥନରେ ସେ ସିନ୍ଧ୍ରି ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ପ୍ରମାଣପତ୍ର ଉପରେ ନିର୍ଭର କରିଥିଲେ । ହିନ୍ଦୁସ୍ତାନ କୃଷିସାର ନିଗମ ଲିମିଟେଡ୍ ଦ୍ୱାରା ଏହି ଆବେଦନକୁ ଆପତ୍ତି କରାଯାଇଥିଲା ପକ୍ଷମାନଙ୍କ ଶ୍ରୀମାନ ଓକିଲଙ୍କୁ ଶୁଣିବା ପରେ, ଆବେଦନର ଶୁଣାଣୀ କରିଥିବା ମାନ୍ୟବର ବିଚାରପତି କହିଛନ୍ତି ଯେ ପ୍ରଥମ ପ୍ରତିବାଦୀଙ୍କ ମାମଲା ଗ୍ରହଣ କରିବା ସମ୍ଭବ ନୁହେଁ ଯେ ସେ 1938 ରେ ଜନ୍ମ ହୋଇଥିଲେ ଏବଂ ସେ ଆହୁରି ଜାଣିବାକୁ ପାଇଲେ ଯେ ନିଗମର ବିବରଣ ଖାତାରେ ଲିପିବଦ୍ଧ ହୋଇଥିବା ଜନ୍ମ ତାରିଖରେ ହସ୍ତକ୍ଷେପ କରାଯିବା ଉଚିତ ନୁହେଁ । ତେବେ ମାନ୍ୟବର ବିଚାରପତି ନିମ୍ନଲିଖିତ ଆଦେଶ ପାରିତ କରିଥିଲେ:

> "ଏସ. ଶାମସୁଲ ହାସନ, ନ୍ୟାୟମୂର୍ତ୍ତି : ଏହି ମାମଲାର ଦୀର୍ଘ ସମୟ ଧରି ଶୁଣାଣୀ ହେବା ପରେ ଏବଂ ଆଇନଗତ ତଥା ବାସ୍ତବିକ ସପକ୍ଷ ବିପକ୍ଷ ଯାଞ୍ଚ କରାଯିବା ପରେ ଏହା ଜଣାପଡ଼ିଲା ଯେ ଆବେଦନକାରୀଙ୍କ ଜନ୍ମ ବର୍ଷ 1931 ବୋଲି ଆପତ୍ତି କରାଯାଇପାରିବ ନାହିଁ କିମ୍ବା ଏଥିରେ ହସ୍ତକ୍ଷେପ କରାଯାଇପାରିବ ନାହିଁ । ଫଳସ୍ୱରୂପ ଶ୍ରୀ ଓଝା ଅନୁଭବ କଲେ ଯେ ଯେହେତୁ ଆବେଦନକାରୀଙ୍କ ପାରିବାରିକ କିମ୍ବା ଅନ୍ୟ କିଛି ସମସ୍ୟା ରହିଛି- ଏବଂ ପ୍ରକୃତରେ 1971 ରେ ତାଙ୍କୁ ବୋଧ ଦିଆଯାଇଥିଲା ଯେ ତାଙ୍କର ଜନ୍ମ ବର୍ଷ 1938 ହେବ, ତେଣୁ ତାଙ୍କ ସପକ୍ଷରେ କିଛି ସହାନୁଭୂତିଶୀଳ ଅନୁଦାନ ଦିଆଯାଇପାରେ । ମୋ ପକ୍ଷରୁ ଶ୍ରୀଯୁକ୍ତ ଓଝାଙ୍କ ସହ ସମ୍ପୂର୍ଣ୍ଣ ସମ୍ମତି ଅଛି ।

ତେଣୁ ମୁଁ ଆବେଦନକୁ ମୋର ଇଚ୍ଛାର ଅଭିବ୍ୟକ୍ତି ସହିତ ଫଏସଲା କରୁଛି, ଯାହାକୁ ଏକ ଆଦେଶ ଭାବରେ ବିବେଚନା କରାଯାଇପାରେ, ଯେ ଆବେଦନକାରୀଙ୍କୁ ତାଙ୍କ ଅବସର ଗ୍ରହଣ ତାରିଖ ପରେ ଏକ ସ୍ୱତନ୍ତ୍ର ମାମଲା ଭାବରେ ଆହୁରି ତିନି ବର୍ଷ ସେବା ଦିଆଯାଇପାରେ, ଯାହା ସେହି ଅବଧି ପାଇଁ ତାଙ୍କୁ ପୁନର୍ବାର ନିଯୁକ୍ତି ଦେଇ କରାଯାଇପାରିବ । ଏହା ସ୍ପଷ୍ଟ କରାଯାଇଛି ଯେ ଏହାକୁ ଅନୁଷ୍ଠାନର ଅନ୍ୟ କୌଣସି କର୍ମଚାରୀଙ୍କ ପାଇଁ ଅଥବା ଅନ୍ୟ କୌଣସି କ୍ଷେତ୍ରରେ ଏକ ପୂର୍ବ ଦୃଷ୍ଟାନ୍ତ ଭାବରେ ବିବେଚନା କରାଯାଇପାରିବ ନାହିଁ ।

ଆମ୍ଭର ମତ ଏହିକି ଯେ ଆବେଦନକାରୀ-ନିଗମର ବିବରଣ ଖାତାରେ ଲିପିବଦ୍ଧ ହୋଇଥିବା ପ୍ରଥମ ପ୍ରତିବାଦୀଙ୍କ ଜନ୍ମ ତାରିଖ ସହିତ ହସ୍ତକ୍ଷେପ କରାଯିବା ଉଚିତ ନୁହେଁ ବୋଲି ମାନ୍ୟବର ଏକକ ବିଚାରପତି ଜାଣିବାକୁ ପାଇ, ଆବେଦନକାରୀ-ନିଗମକୁ 'ଏକ ସ୍ୱତନ୍ତ୍ର ମାମଲା ଭାବରେ' ପ୍ରଥମ ପ୍ରତିବାଦୀଙ୍କୁ ତାଙ୍କ 'ଅବସର ଗ୍ରହଣ ତାରିଖ' ପରେ ଆହୁରି ତିନି ବର୍ଷ ପାଇଁ ପୁନଃ ନିଯୁକ୍ତି ଦେବା ନିମନ୍ତେ, ନିର୍ଦ୍ଦେଶପୂର୍ବକ ଆଦେଶ ଦେଇ ଏକ ଗୁରୁତର ତ୍ରୁଟି କରିଛନ୍ତି ଯାହା 1.6.1989 ଅଟେ, ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଏପରି ଆଦେଶ ପାରିତ କରିବାର କୌଣସି ଯଥାର୍ଥତା ନଥିଲା । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା କାରଣମାନ ସମ୍ପୂର୍ଣ୍ଣରୂପେ ଅସମର୍ଥନୀୟ । ଏହି ନ୍ୟାୟାଳୟ ମାନ୍ୟବର ଏକକ ବିଚାରପତିଙ୍କ ଦ୍ୱାରା ପାରିତ ଆଦେଶ ବିରୁଦ୍ଧରେ ନିଗମ ଦ୍ୱାରା ଦାଖଲ ହୋଇଥିବା ଏହି ଆବେଦନ ଅନୁମୋଦନୀୟ । ଆମ୍ଭେ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ରଦ୍ଦ କରୁଛୁ ଏବଂ ପ୍ରଥମ ପ୍ରତିବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନକୁ ଖାରଜ କରୁଛୁ । ତଦନୁସାରେ ଆବେଦନଟିର ଫଏସଲା କରାଯାଉଛି । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଏନ. ପି. ଭି.

ଆବେଦନକୁ ମଞ୍ଜୁରୀ ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**